# ଭାରତର ଇତିହାସ ସଂଘର୍ଷର ଇତିହାସ

## ସାହିତ୍ୟ ଅକାଦେମି ପକ୍ଷରୁ 'ସାହିତ୍ୟ ଓ ଭାରତଛାଡ଼ ଆନ୍ଦୋଳନ'




ମୁମ୍ବାଇ, ୮/୮ (ଇମିସ): ଭାରତର ଇତିହାସ ଶତତ ସଂଘର୍ଷର ଇତିହାସ। କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ମୁମ୍ବାଇସ୍ଥିତ ଏସିଆଟିକ୍ ସୋସାଇଟି ଦରବାର ହଲ୍‌ରେ 'ସାହିତ୍ୟ ଓ ଭାରତଛାଡ଼ ଆନ୍ଦୋଳନ' ଶୀର୍ଷକ ଦୁଇଦିନିଆ ସର୍ବଭାରତୀୟ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ବକ୍ତାମାନେ ଏହି ମତ ଦେଇଛନ୍ତି।

'ଆଜାଦି କି ଅମୃତ ମହୋତ୍ସବ' ପାଳନ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଅକାଦେମିର ସଚିବ କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇଥିଲେ। ସେ ନିଜର ଅଭିଭାଷଣରେ ଭାରତଛାଡ଼ ଆନ୍ଦୋଳନର ଐତିହାସିକ ପୃଷ୍ଠଭୂମି ଏବଂ ଭାରତୀୟ ଭାଷାଗୁଡ଼ିକର ସାହିତ୍ୟିକ ଯୋଗଦାନ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ପ୍ରକାଶିତ ଖବରକାଗଜ ଏବଂ ପୁସ୍ତକ ଭାରତୀୟ ଜନମାନସକୁ ଗଭୀର ଭାବେ ପ୍ରଭାବିତ କରିଥିଲା ବୋଲି ସେ କହିଥିଲେ।

ରାୟପୁରସ୍ଥିତ କୁଶାଭାଉ ଠାକରେ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଶ୍ୱବିଦ୍ୟାଳୟର କୁଳପତି ତଥା ବିଶିଷ୍ଟ ସାହିତ୍ୟିକ ବଳଦେବଭାଇ ଶର୍ମା ଉଦ୍‌ଘାଟନୀ ଭାଷଣରେ କହିଥିଲେ, ଭାରତର ଇତିହାସ ଗୋଲାମର ଇତିହାସ ନୁହେଁ, ଏହା ଶତତ ସଂଘର୍ଷର ଇତିହାସ। ସେ ସମୟରେ ସାହିତ୍ୟିକ ଏବଂ ସାମ୍ବାଦିକମାନେ ବଳିଷ୍ଠ ସାହିତ୍ୟ ରଚନା କରି ବ୍ରିଟିସ୍ ଶାସନ ବିରୋଧରେ ଭାରତୀୟ ଜନମାନସକୁ ଏକତ୍ରିତ କରିବାରେ ସକ୍ଷମ ହୋଇଥିଲେ। ସେ ଆହୁରି କହିଥିଲେ ଯେ ୧୯୪୨ ମସିହାର ଆଜିର ଦିନ (ଅଗଷ୍ଟ ୮)ରେ ସର୍ବଭାରତୀୟ କଂଗ୍ରେସ କମିଟିର ବମ୍ବେ ଅଧିବେଶନରେ ମହାତ୍ମା ଗାନ୍ଧୀ ଭାରତଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ। ତେଣୁ ସ୍ୱତନ୍ତ୍ରତା ଆନ୍ଦୋଳନର ସାକ୍ଷ୍ୟ ବହନ କରୁଥିବା ସ୍ଥାନ(ମୁମ୍ବାଇ)ରେ ସାହିତ୍ୟ ଅକାଦେମି ପକ୍ଷରୁ ଆଜାଦି କି ଅମୃତ ମହୋତ୍ସବ ପାଳନ କରାଯିବା ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡ଼ିଆ କଥାକାର ଗୌରହରି ଦାସ ଅତିଥି ଭାବେ ଯୋଗଦେଇ ଭାରତଛାଡ଼ ଆନ୍ଦୋଳନରେ ଭାରତୀୟ ସାହିତ୍ୟ ତଥା ବିଶେଷକରି ଓଡ଼ିଆ ସାହିତ୍ୟର ଭୂମିକା ଉପରେ ବିଶଦ୍ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ବକ୍ତବ୍ୟରେ ଗୁଜରାଟର ପ୍ରସିଦ୍ଧ ସାହିତ୍ୟିକ, ବିଦ୍ୱାନ ସିତାଂଶୁ ଯଶଚନ୍ଦ୍ର ତତ୍କାଳୀନ ସମୟ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ପ୍ରସିଦ୍ଧ ମରାଠୀ ଲେଖକ ବିଶ୍ୱାସ ପାଟିଲଙ୍କ ଅଧ୍ୟକ୍ଷତାରେ ଦେଶାତ୍ମବୋଧ ଗଦ୍ୟ ଏବଂ ପଦ୍ୟ ଆସର ଅନୁଷ୍ଠିତ ହୋଇଥିଲା। ଶ୍ରୀ ପାଟିଲ ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ଉପରେ ଆଧାରିତ ନିଜର ପ୍ରସିଦ୍ଧ ମରାଠୀ ଉପନ୍ୟାସ ମହାନାୟକର ଇଂରାଜୀ ଅନୁବାଦ ପାଠ କରିଥିଲେ। ସେହିପରି ଉଷା ଠକ୍କର 'ଗାନ୍ଧିଜୀ କେ ସାହିତ୍ୟ', ଶମିମ ତାରିକ 'ଭାରତ ଛୋଡୋ ଆନ୍ଦୋଳନ ଏବଂ ମୌଲାନା ଅବଦୁଲ କଲାମ ଆଜାଦ', ବି. ରଂଗରାଓ ସ୍ୱାଧୀନତା ଆନ୍ଦୋଳନରେ ବାବା ସାହେବ ଆମ୍ବେଦକରଙ୍କ ଯୋଗଦାନ ଉପରେ ଆଲୋକପାତ କରି ନିଜର ନିବନ୍ଧ ପାଠ କରିଥିଲେ। ଏହି ଅବସରରେ ମରାଠୀ କବି-ଲେଖକ ରବି ଲାଖେ, ଗିରୀଶ ପତକେ ହିନ୍ଦୀ ଏବଂ ମରାଠୀର ପ୍ରସିଦ୍ଧ ଦେଶଭକ୍ତିପୂର୍ଣ୍ଣ କବିତା ପାଠ କରିଥିଲେ। ଅକାଦେମିର ଉପସଚିବ କୃଷ୍ଣା କିଂବହୁନେ ଧନ୍ୟବାଦ ଦେଇଥିଲେ।